# ପିଲାଙ୍କ ଧରିତ୍ରୀ

ଶନିବାର, ୦୪ ଜାନୁୟାରୀ, ୨୦୨୦





ଗିନିଜ୍ ୱାର୍ଲ୍ଡ ରେକର୍ଡ ୩

୮ ଆଇନା



୭ ଜଣା -ଅଜଣା

କବିତା ୬



# ମତାମତ

‘ମୋନାର ନୂଆବର୍ଷ’ ଗପଟି ବେଶ୍ ଶିକ୍ଷଣୀୟ ଥିଲା। ଶେଷରେ ମୋନା କିପରି ତା’ ଭୁଲ୍ ବୁଝିପାରିଛି ଏଥିରୁ ଜାଣିବାକୁ ମିଳିଲା।

**- କ୍ରୀଷ୍ଟା, ମିକି, ସୋର, ବାଲେଶ୍ୱର**

ଗପ ‘ହରିଶ୍ ମୁହଁରେ ହସ’ ଏବଂ ‘ବଡଦିନ’ ଓ ‘କ୍ରିସ୍‌ମାସ୍’ କବିତା ଦୁଇଟି ବେଶ୍ ମନଛୁଆଁ ହୋଇଥିଲା। ଜଣାଅଜଣା ପୃଷ୍ଠାଟି ପାଠକମାନଙ୍କ ପାଇଁ ଶିକ୍ଷଣୀୟ ଓ ଉପଯୋଗୀ। ଏଥିରେ ଆଉ ୨ ପୃଷ୍ଠା ବୃଦ୍ଧି ସହ ସାଧାରଣଜ୍ଞାନ, ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ପାଠ ପ୍ରକାଶ ପାଇଲେ ଭଲ ହୁଅନ୍ତା।

**- ଦେବଯାନୀ ସାହୁ,** ସିନ୍ଦେକେଲା, ବଙ୍ଗୋମୁଣ୍ଡା, ବଲାଙ୍ଗୀର

ଖିଲିଖିଲି ହସ ସ୍ତମ୍ଭରେ ପ୍ରକାଶିତ ‘ବଡ ଆଣ୍ଠି’ କଥା ପଢ଼ି ଖୁବ୍ ହସିଲି।

**- ରାଜେଶ ସାହୁ,** ଡିର୍ଗୋଲ, ଜଗତ୍‌ସିଂହପୁର

ନୂଆବର୍ଷ ସମ୍ପର୍କିତ ସମସ୍ତ କବିତା ବେଶ୍ ମନଛୁଆଁ ଥିଲା।

**- ଅସୀମା ବେହେରା,** ଖାନନଗର, କଟକ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଗପ



# ଦୋଷ ଦେବା ନାହିଁ ଲଙ୍କାକୁ

ଥରେ ପରିବାମାନଙ୍କର ବିଚାର ପଡିଲା ଆମ ଭିତରୁ ମଣିଷମାନଙ୍କ ପାଖରେ କାହାର ଆଦର ଅଧିକ? ଆଳୁ, ବାଇଗଣ, ଟମାଟୋ, କୋବି, ପୋଟଳ ଇତ୍ୟାଦି ସମସ୍ତେ ନିଜକୁ ମଣିଷର ପ୍ରିୟ ବୋଲି କହୁଥାଆନ୍ତି। ଲଙ୍କା ବା ଏଥିରୁ ବାଦ ପଡ଼ନ୍ତା କିପରି? ସେ ବି କହିଲା ମୁଁ ମଣିଷଙ୍କର ଅତି ପ୍ରିୟ। ତା’ ପାଟିରୁ ଏତକ ଶୁଣି ସମସ୍ତେ ଠୋ ଠୋ ହୋଇ ହସିବାକୁ ଲାଗିଲେ। ଆଳୁ କହିଲା ତୁ ଏମିତି କହିଲେ ଆମ ମାନଙ୍କୁ ଅପମାନ ହେବ। କେହି ବି ତୋତେ ହାତରୁ ହାତକୁ ନେବାର କାଇଁ ମୁଁ ଜନ୍ମ ହେଲା ଦିନୁ ତ ଦେଖିନି। ତୁ ଜଣଙ୍କ ହାତରୁ ଅନ୍ୟ ଜଣଙ୍କ ହାତକୁ ଗଲେ ସେମାନଙ୍କ ମଧ୍ୟରେ ଝଗଡ଼ା ହୁଏ। ପରସ୍ପର ଭିତରେ ଭଲ ସମ୍ପର୍କ ରୁହେନି। ତୁ ପୁଣି ମଣିଷମାନଙ୍କର କେମିତି ପ୍ରିୟ ହୋଇପାରିବୁ?

ବାଇଗଣ ଏତିକିବେଳେ କହିଲା ତୁ ଠିକ୍ କହିଲୁ ଆଳୁ ଭାଇ। କି ଶିକ୍ଷିତ କି ଅଶିକ୍ଷିତ ସମସ୍ତେ ଡ଼ରନ୍ତି ଯାକୁ ହାତରୁ ହାତକୁ ଧରିବାକୁ। କେତେ କେତେ ଘର ଆମେ ନ ଯାଉଛେ ନ ଦେଖୁଛେ କହୁନ। କିଏ କୋଉଠି ଲୁଗା କାନି ଦେଖେଇଲାଣି ତ କିଏ କହିଲାଣି ଯାକୁ ହାତକୁ ହାତକୁ କ’ଣ ଦେଉଛୁ ତଳେ ଥୁଅ। ସେଥିରେ ଯାର ଫୁଟାଣି ଦେଖ ଇଏ କହୁଛି ମୁଁ ମଣିଷମାନଙ୍କର ପ୍ରିୟ।

ସମସ୍ତେ ଲଙ୍କାକୁ ଏମିତି କହିବାରୁ ତା’ ମନ ଦୁଃଖ ହୋଇଗଲା। ସେ କାନ୍ଦ କାନ୍ଦ ହୋଇଗଲା ଓ କହିଲା ଶେଷରେ ତୁମେମାନେ ବି ମତେ ଏମିତି କହିଲ। ମଣିଷମାନେ ପରସ୍ପର ମଧ୍ୟରେ ଝଗଡା ହେବା, ମତାନ୍ତର, ମନାନ୍ତର ହେବା ତାହା ସେମାନଙ୍କ ଭୁଲ୍ ବୁଝାମଣା, ଅହଂକାର ଯୋଗୁ ହୋଇଥାଏ। ସେମାନଙ୍କ ସମ୍ପର୍କରେ ଫଟୋ କେବଳ ସେମାନେ ନିଜେ ହିଁ ଡାକିଆଣନ୍ତି। ସେଥିରେ ମୋର କିଛି ବି ଦୋଷ ନାହିଁ। ମୋ ସ୍ୱାଦ ରାଗୁଆ। ଖାଦ୍ୟକୁ ସ୍ୱାଦିଷ୍ଟ କରିବା ମୋ ଗୁଣ ହୋଇଥିବାବେଳେ ମୁଁ ଅନ୍ୟମାନଙ୍କ ସମ୍ପର୍କ କିପରି ନଷ୍ଟ କରିପାରିବି? ତୁମ ମାନଙ୍କ ଦରଦାମ୍ ଯେତେବେଳେ ଆକାଶ ଛୁଆଁ ହୁଏ ଗରିବ ଖଟିଖିଆ ଲୋକ ପଖାଳ କଂସାରେ କେବଳ ମୁଁ ହିଁ ଥାଏ। ମୁଁ ସେମାନଙ୍କ ସୁଖ ଦୁଃଖର ସାଥି। ତୁମେମାନେ ଧନୀ ଘରେ ସବୁବେଳେ ଥାଅ। ତୁମ ଭାଉ ବଢିଗଲେ କେବେ ଗରିବ କୁଡିଆକୁ ଯାଇଛ? କିନ୍ତୁ ମୁଁ ଯାଇଛି ସବୁ ସମୟରେ ସବୁ ପରିସ୍ଥିତିରେ ଦେଖିଛି ମୋର ଆବଶ୍ୟକତା। ଆଜି ଯାଏଁ ତୁମମାନଙ୍କ ପାଖେ ପାଖେ ମୁଁ ଅଛି। ମୋ ଯୋଗୁଁ କେବେ ତୁମମାନଙ୍କ ମଧ୍ୟରେ କଳି ହୋଇଛି କି?

ସବୁ ପରିବା ଏ କଥା ଶୁଣି ଚୁପ୍ ହୋଇଗଲେ। ଲଙ୍କା କହୁଥିବା କଥା ସମ୍ପୂର୍ଣ୍ଣ ଠିକ୍ ବୋଲି ଅନୁଭବ କଲେ। ଏ ସବୁ କଥା ଶୁଣୁଥାଏ ସୋମାଲି। ମାଆ ଆରଘରେ ଖାଇ ବସିଥାଆନ୍ତି। ଏତିକିବେଳେ ମାଆ କହିଲେ ସୋମାଲି ଲଙ୍କା ଗୋଟେ ମତେ ଦେଲୁ। ଗୋଟେ ଆଣିଥିଲି ଯେ କାଇଁ ରାଗ ଲାଗୁନି। ସୋମାଲି ଲଙ୍କା ଆଣି ମାଆଙ୍କ ହାତକୁ ଦେଉ ଦେଉ ମାଆ ଚିହିଙ୍କି ଉଠି କହିଲେ କେତେ ଥର ମନା କରିଛି ତୋତେ,. ଲଙ୍କା କେବେ କାହା ହାତକୁ ଦେବୁ ନାହିଁ ବୋଲି। ସୋମାଲି କହିଲା ହଁ ମାଆ କହିଛ ଯେ ହେଲେ ଏ ସବୁ ଭୁଲ ଧାରଣା। ପରସ୍ପର ଭିତରେ ସ୍ନେହ, ଆଦର, ଭଲ ବୁଝାମଣା ଥିଲେ ଝଗଡା ହେବାର ଆଶଙ୍କା ନାହିଁ। ସବୁ ଭୁଲ ଆମମାନଙ୍କର। ମିଛରେ ଆମେ ନିରୀହ ଲଙ୍କାକୁ ଦୋଷ ଦେଉଛେ। ମାଆ କହିଲେ ହଁ ତୁ ଯାହା କହୁଛୁ ଏଇଟା ବି ଠିକ୍ କଥା। ଏ କଥା ମୋ ମନକୁ କାଇଁ କେବେ ଆସିନି। ସୋମାଲି କହିଲା ମାଆ ମୁଁ କାଲି ସ୍କୁଲ ଯାଇ ମୋ ସାଙ୍ଗମାନଙ୍କୁ ଲଙ୍କାକୁ ନେଇ ଆମର ଥିବା ଭୁଲ ଧାରଣା ବିଷୟରେ କହିବି। ଯଦି, କାହା ଘରେ ଏମିତି ଭାବନାର ଲୋକ ଥାଆନ୍ତି ତେବେ ସେମାନେ ନିଶ୍ଚୟ ପରିବର୍ତ୍ତନ ହେବେ। ସୋମାଲି ଓ ତା’ ମାଆଙ୍କର ଏପରି କଥା ଶୁଣି ସବୁ ପରିବା ଲଙ୍କାକୁ କୋଳେଇ ନେଲେ। ଆଉ ଲଙ୍କା ଉପରେ ଆମେ ଏମିତି ଦୋଷ ଦେବା ନାହିଁ ବୋଲି କହିଲେ।


**– ପ୍ରୀତିପ୍ରିୟା ମହାନ୍ତି**
ମୟୂରଖାଲିଆ, ରଣପୁର, ନୟାଗଡ଼
ମୋ: ୬୩୭୦୪୮୧୦୧୦

## ଖିଲିଖିଲି ହସ

ରାଜୁ: ସଞ୍ଜୁ, ଜାଣିଛୁ ଯେ କୌଣସି ଭୁଲ୍ କାମ କଲେ ହାତ ଥରେ ! ସେଥିଲାଗି ସେ କାମ କରିବା କଥା ନୁହେଁ।
ସଞ୍ଜୁ: ହଁ ଠିକ୍ କହୁଛୁ ରାଜୁ, ତେବେ ହେଲା କ’ଣ ?
ରାଜୁ: ଆଜି ସକାଳେ ପାଣି ଟ୍ୟାପ୍ ଖୋଲୁ ଖୋଲୁ ମୋ ହାତ ଦୁଇଟି ଯାକ ଥରିଲା। ଏଥିପାଇଁ ମୁଁ ସକାଳେ ଆଉ ଗାଧେଇଲିନି।

(ରିଙ୍କି ଓ ପାପା ମଧ୍ୟରେ କଥାବାର୍ତ୍ତା)
ରିଙ୍କି: ପାପା, କୁହନ୍ତି ଯେ ସମୟ ମଣିଷକୁ ସବୁକିଛି ଶିଖାଇଦିଏ।
ପାପା: ହଁ ଝିଅ ଏଇଟା ସତକଥା।
ରିଙ୍କି: ତେବେ ମୋତେ ସମୟ ଏ ପର୍ଯ୍ୟନ୍ତ କାହିଁକି ସାଇକେଲ ଶିଖାଇ ପାରିଲାନି !


ଗୁଞ୍ଜୁ: ପପୁ, ତୁ ଆଖୁ ଖାଇବୁ କି ?
ପପୁ: ନା, ମୋ ଦାନ୍ତ ଦୁଇଦିନ ହେବ ବିନ୍ଧା ହେଉଛି ମୁଁ ଖାଇବିନି।
ଗୁଞ୍ଜୁ: ଠିକ୍ ଅଛି, ତେବେ ମୁଁ ଖେଳିବାକୁ ଯାଉଛି ଆସିଲେ ତୋ ଆଖୁ ବି ମୋତେ ଦେଇଦେବୁ, ମୁଁ ଖାଇଦେବି।




## ଚଗଲା ଭୀମୁ



ବିଜ୍ଞାନ କଥା




# ଆଲୋକ ଚିମୁଟା

ଆମେ ଜାଣୁ ଆଲୋକ ରଶ୍ମି ଉଭୟ ତାପ ଓ ଚାପ ପ୍ରଦାନ କରିଥାଏ। କୀଟପତଙ୍ଗମାନେ ଆଲୋକ ପ୍ରତି ଆକୃଷ୍ଟ ହୋଇ ଆଲୋକ ରଶ୍ମିରେ ଲମ୍ଫ ପ୍ରଦାନ କରିଥାନ୍ତି। ଏଣୁ ଭାରତୀୟ ସଂସ୍କୃତିର ପୁଣ୍ୟ ଗ୍ରନ୍ଥ ଗୀତାର ଏକାଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି:


ଯଥା ପ୍ରଦୀପମ୍ ଜ୍ୱଳନମ୍ ପତଙ୍ଗା,
ବିଶନ୍ତି ନାଶାୟ ସମୃଦ୍ଧ ବେଗା ।

ଅର୍ଥାତ୍, ପତଙ୍ଗମାନେ ଅଗ୍ନିରେ ପଡ଼ିଲେ ଭସ୍ମୀଭୂତହେବା ଜାଣି ମଧ୍ୟ ଆଲୋକ ରଶ୍ମିର ତାପ ଓ ଚାପ ପ୍ରତି ଆକୃଷ୍ଟ ହୁଅନ୍ତି। କ୍ଷୁଦ୍ର ଅଣୁଜୀବମାନଙ୍କର ମଧ୍ୟ ଆଲୋକ ପ୍ରତି ଅହେତୁକ ଆକର୍ଷଣ ରହିଥାଏ। ବୈଜ୍ଞାନିକମାନେ ଆଲୋକର ଚାପଜନିତ କୌଶଳକୁ ଉପଯୋଗକରି ମାନବ ଶରୀରରେ ପ୍ରଭୂତ କ୍ଷତି ଘଟାଉଥିବା କ୍ଷୁଦ୍ରାତିକ୍ଷୁଦ୍ର ଅଣୁଜୀବ ଯଥା ବୀଜାଣୁ, କୀଟାଣୁ, ଭୂତାଣୁ ପ୍ରଭୃତିଙ୍କୁ ଧରିବାକୁ ସକ୍ଷମ ହୋଇଛନ୍ତି, ଯାହାକୁ ଆଲୋକ ଚିମୁଟା କୁହାଯାଏ।



୧୬୧୯ ମସିହାରେ ଜୋହାନ୍ସ କେପ୍ଲର ବିକିରଣ ବା ଆଲୋକ ଚାପ ସୃଷ୍ଟିକରେ ବୋଲି ଆକଳନ କରିଥିଲେ। ମାତ୍ର ଆଲୋକ ରଶ୍ମିର ଚାପ ଅତି କ୍ଷୀଣ ତଥା ନଗଣ୍ୟ ବୋଲି ଧାରଣା ଥିଲା ଜନମାନସରେ। ସମୟକ୍ରମେ ବିଜ୍ଞାନର ଅଗ୍ରଗତି ଫଳରେ, ବିଶିଷ୍ଟ ବୈଜ୍ଞାନିକ ସମୂହ ଯଥା ଜେମ୍ସ କ୍ଲାର୍କ ମାକ୍ସୱେଲ, ପୟୋଟ୍ରା ଲେବେଡେଭ, ଆରନେଷ୍ଟ ନିକୋଲାସ ଓ ଗର୍ଡନ ହଲ୍ ଆଦି ଗବେଷଣାଗାରରେ ଗାଣିତିକ ସମୀକରଣ ସହ ଆଲୋକ ଚାପ ପ୍ରଦାନକରେ ବୋଲି ପ୍ରମାଣକରି ଦର୍ଶାଇଥିଲେ। ୧୯୬୦ ମସିହାରେ ଲେଜର ଆଲୋକ ଉଦ୍ଭାବନ ହେଲା। ଲେଜର ଆଲୋକର ଉଦ୍ଭାବନ ପ୍ରମାଣିତ କଲା ଯେ ଲେଜର ରୂପୀ ଆଲୋକ ଅଧିକ ପରିମାଣର ଚାପ ସୃଷ୍ଟି କରିପାରେ।

ଆଲୋକ ବିଭିନ୍ନ ରଙ୍ଗ ଏବଂ ବର୍ଣ୍ଣର ସମାହାର ବୋଲି ଆମେ ଜାଣୁ। ମାତ୍ର ଏକ ରଙ୍ଗୀୟ ଉଚ୍ଚ ଏବଂ ତୀବ୍ର ସଂହତିଯୁକ୍ତ ଆଲୋକର ଉତ୍ସକୁ 'ଲେଜର' କୁହାଯାଏ। ଏକ ଛିଦ୍ର ମଧ୍ୟଦେଇ ଲେଜର ରଶ୍ମିକୁ କେନ୍ଦ୍ରୀଭୂତ କରାଯାଏ। ପାରିପାର୍ଶ୍ୱିକ ପଦାର୍ଥଠାରୁ ଅଧିକ ଅପବର୍ତ୍ତକ ସୂଚନାଙ୍କ (Refractive Index) ଥିବା ସ୍ୱଚ୍ଛ ଏବଂ ବର୍ତ୍ତୁଳାକାର ପିଣ୍ଡ ଉପରେ କେନ୍ଦ୍ରୀଭୂତ ଲେଜର ରଶ୍ମିର ସଂଘାତ କରାଯାଏ। ଯଦି ଲେଜର ରଶ୍ମିର କେନ୍ଦ୍ରବିନ୍ଦୁ ଏବଂ ବର୍ତ୍ତୁଳାକାର ପିଣ୍ଡର କେନ୍ଦ୍ର ଏକ ବିନ୍ଦୁରେ ଅବସ୍ଥାନ କରନ୍ତି, ତେବେ ଲେଜର ରଶ୍ମି ବିନା କୌଣସି ପରିବର୍ତ୍ତନରେ ବର୍ତ୍ତୁଳାକାର ପିଣ୍ଡକୁ ପରିତ୍ୟାଗ କରେ। ସଂଘାତ ସମୟରେ ଲେଜର ରଶ୍ମି ବର୍ତ୍ତୁଳାକାର ପିଣ୍ଡର ବାହ୍ୟ ପରିଧିରୁ କେନ୍ଦ୍ରକୁ ଆସିଲେ ବିକିରଣ ଚାପ ବୃଦ୍ଧି ପାଏ। ଚାପ ବୃଦ୍ଧି ଫଳରେ କ୍ଷୁଦ୍ରାତିକ୍ଷୁଦ୍ର କଣିକାଗୁଡ଼ିକ ଲେଜର ରଶ୍ମିର କେନ୍ଦ୍ରକୁ ଆକୃଷ୍ଟ ହୁଅନ୍ତି। ଉକ୍ତ ଚାପର ପ୍ରଭାବରେ ବୀଜାଣୁ, କୀଟାଣୁ, ଭୂତାଣୁ ଆଦି ଅଣୁଜୀବ ନିଜର କାର୍ଯ୍ୟକାରୀ ଶକ୍ତି ହରାଇବସନ୍ତି। ଉପରୋକ୍ତ



ବର୍ଣ୍ଣିତ କାର୍ଯ୍ୟ ପଦ୍ଧତି ଏବଂ କୌଶଳ ଆଧାରରେ ଆଲୋକ ଚିମୁଟା କାର୍ଯ୍ୟକରେ। ଆଲୋକ ଚିମୁଟାକୁ ପ୍ରଫେସର ଆର୍ଥର ଆସ୍କିନ ଉଦ୍ଭାବନ କରିଛନ୍ତି। ୧୯୮୦ ଦଶକର ଶେଷଭାଗରେ ଆଲୋକ ଚିମୁଟାର ବ୍ୟବହାର ଜୀବବିଜ୍ଞାନ ଏବଂ ଚିକିତ୍ସାଶାସ୍ତ୍ରରେ ଉପଯୋଗ କରାଇ ପ୍ରଫେସର ଆସ୍କିନ ଆଣିଛନ୍ତି ଏକ ଯୁଗାନ୍ତକାରୀ ତଥା ଅତ୍ୟାଧୁନିକ ପରିବର୍ତ୍ତନ। ସ୍ୱଳ୍ପବ୍ୟୟରେ ମାନବର ନେତ୍ରଜନିତ ରୋଗ ଯଥା ସମୀପ ଦୃଷ୍ଟିଦୋଷର ସଫଳ ଚିକିତ୍ସା କରାଯାଇପାରୁଛି ଲେଜର ରଶ୍ମିର ଆଲୋକ ଚିମୁଟା ପଦ୍ଧତିକୁ ବ୍ୟବହାର କରି।

କହିବା ବାହୁଲ୍ୟ, ଆଲୋକ ଚିମୁଟା ସମଗ୍ର ମାନବ ଜାତିକୁ ଆଜି ନୂତନ ଭାବେ ଦେଖିବାକୁ ଦୃଷ୍ଟିଶକ୍ତି ପ୍ରଦାନ କରିଛି। ଲେଜର ରଶ୍ମି ସମ୍ବଳିତ ଆଲୋକ ଚିମୁଟା ସମଗ୍ର ଚକ୍ଷୁରୋଗୀଙ୍କ ପାଇଁ ବିଜ୍ଞାନର ଅଦ୍ଭୁତପୂର୍ବ ବରଦାନ। ଯୁଗାନ୍ତକାରୀ ଆଲୋକ ଚିମୁଟାର ଉଦ୍ଭାବନ ପାଇଁ ପ୍ରଫେସର ଆର୍ଥର ଆସ୍କିନଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର ୨୦୧୮ ମସିହାରେ ପ୍ରଦାନ କରାଯାଇଛି ।

**– ପ୍ରଶାନ୍ତ କୁମାର ମିଶ୍ର**
ସହକାରୀ ପ୍ରଫେସର ( ଭୂତତ୍ତ୍ୱ ବିଜ୍ଞାନ),
ସରକାରୀ ମହାବିଦ୍ୟାଳୟ ସୁନ୍ଦରଗଡ଼
ମୋ: ୯୯୬୭୩୪୦୪୦୪
ଇ-ମେଲ୍: pkmishra.geol@gmail.com





# ଟୁଥ୍ ପେଷ୍ଟ ଟ୍ୟୁବ୍ ସଂଗ୍ରହକରି ରେକର୍ଡ

ଗିନିଜ ୱାର୍ଲ୍ଡ ରେକର୍ଡ

ସକାଳୁ ସକାଳୁ ଉଠିଲା ମାନେ ଖୋଜାପଡ଼େ ଟୁଥ୍ ବ୍ରଶ୍ ଆଉ ପେଷ୍ଟ। ତେବେ ନିତ୍ୟ ବ୍ୟବହୃତ ହେଉଥିବା ଟୁଥ୍ ପେଷ୍ଟକୁ ନେଇ କେହି କେବେ ରେକର୍ଡ କରିବା କଥା ଚିନ୍ତା କରିଛନ୍ତି ? କିନ୍ତୁ ଏହାକୁ ସତ କରି ଦେଖାଇଛନ୍ତି ୟୁଏସ୍ଏ ଜର୍ଜିଆର ଭାଲ କୋଲପାକଭ। ପୃଥିବୀର ବିଭିନ୍ନ ସ୍ଥାନରୁ ୨୦୩୭ଟି ଟୁଥପେଷ୍ଟ ଟ୍ୟୁବ୍ ସଂଗ୍ରହକରି ସେ ନିଜ ନାଁ ଗିନିଜ ୱାର୍ଲ୍ଡ ରେକର୍ଡରେ ଲେଖେଇବାର ଗୌରବ ଅର୍ଜନ କରିପାରିଛନ୍ତି। କୋଲପାକଭ ବିଭିନ୍ନ ସ୍ଥାନ ଯଥା ଜାପାନ, କୋରିଆ, ଚାଇନା, ଭାରତ, ରୁଷିଆ ଆଦି ଭ୍ରମଣ ସମୟରେ ତଥା ବନ୍ଧୁମାନଙ୍କ ଜରିଆରେ ବିଭିନ୍ନ ଟୁଥ୍ ପେଷ୍ଟ ଟ୍ୟୁବ୍ ସଂଗ୍ରହ କରିବା ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ତାଙ୍କ ପାଖେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ୟବହୃତ ହେଉଥିବା ଟୁଥ୍ ପେଷ୍ଟ ଟ୍ୟୁବ୍ ମଧ୍ୟ ସଂଗୃହୀତ ହୋଇ ରହିଛି। କାଳକ୍ରମେ ଏହି ସଂଗ୍ରହ ଏତେ ସଂଖ୍ୟାରେ ବଢ଼ିଯାଇଥିଲା ଯେ ଯାହା ତାଙ୍କୁ ଗିନିଜ ରେକର୍ଡଧାରୀ କରାଇବାରେ ସାହାଯ୍ୟ କଲା। ପେସାରେ ଜଣେ ଡେଣ୍ଟିଷ୍ଟ ଥିବା କୋଲପାକଭ ଯେ କେବଳ ଟୁଥପେଷ୍ଟ ଟ୍ୟୁବ୍ ସଂଗ୍ରହ କରିଛନ୍ତି ତାହା ନୁହେଁ, ବରଂ ତାଙ୍କ ପାଖରେ ବିଭିନ୍ନ ପ୍ରକାର ଟୁଥ୍ ବ୍ରଶ୍ ମଧ୍ୟ ସଂଗୃହୀତ ହୋଇ ରହିଛି।




୧
ଅଙ୍କିତା ମହାନ୍ତି
କ୍ଲାସ-୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୁରୀ


୨
କ୍ରିଷ୍ଣାଶଙ୍କର ମହାରଣା
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୁରୀ


୩
ସ୍ୱସ୍ତିକା ପ୍ରଧାନ
କ୍ଲାସ-ଏଲ୍‌କେଜି, ମଣ୍ଟେଶ୍ୱରୀ ବ୍ରିଲିୟାଣ୍ଟ ଷ୍ଟାର, ସମ୍ବଲପୁର


୪
ପଲକ୍ ଦଳ ବେହେରା
କ୍ଲାସ-୪, ଲିଟିଲ ଫ୍ଲାୱାରସ୍କୁଲ, ବଲାଙ୍ଗୀର


୫
ବିବିଧା ବୈଶାଳୀ ଦାଶ
କ୍ଲାସ-୨, କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର


୬
ଶ୍ରେୟା ତ୍ରିପାଠୀ
କ୍ଲାସ-୬, କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର


୭
ସୁରଜ୍ କେରକେଟା
କ୍ଲାସ-୭,ଲକ୍ଷ୍ମୀପୁର ପ୍ରୋଜେକ୍ଟ ୟୁପି ସ୍କୁଲ,ଦେବଗଡ


୮
ବର୍ଣ୍ଣ୍ୟା ବନ୍ଦନୀୟା ଭୋଇ
କ୍ଲାସ-୫, ଦିଲ୍ଲୀ ପବ୍ଲିକ୍ ସ୍କୁଲ, ଖରିଆର ରୋଡ୍, ବଲାଙ୍ଗୀର


୯
ମନ୍‌ଜିତ୍ ମହାନ୍ତି
କ୍ଲାସ-୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୌଦ୍ଧ



୧୦
ହର୍ଷିତା ମହାପାତ୍ର
କ୍ଲାସ-୫, ସେଣ୍ଟ ଜୋସେଫ୍ କନ୍‌ଭେଣ୍ଟ ସ୍କୁଲ, ସମ୍ବଲପୁର


୧୧
ସୁରମ୍ୟା ଶ୍ୟାମଳୀ ସାଣିନି
କ୍ଲାସ-୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୌଦ୍ଧ


୧୨
ଭାବନା ମହାନନ୍ଦ
କ୍ଲାସ-୧୦, ମ୍ୟୁନିସିପାଲ୍ ହାଇସ୍କୁଲ, ସୁନ୍ଦରଗଡ





୧


୨


୩


୪


୫


୬




୭


୮


୯


୧୦


୧୧



୧୨

## ବଣରେ କରିବା ଭୋଜି

ଆସ କୁନି କୁନା ଆସ ମୁନି ମୁନା
ବଣକୁ ଯିବାରେ ଆଜି,
ହସିବା ଖେଳିବା ନାଚିବା ଗାଇବା
ବଣରେ କରିବା ଭୋଜି।
ଶୀତୁଆ ପବନ ବହୁଥିବ ଧୀରେ
ଦେହ ଯାଉଥିବ ଥରି,
ଯତନରେ ଆମେ କରିବା ରୋଷେଇ
ଭାତ, ଡାଲି, ତରକାରି।
ଗାଧୋଇବା ଆମେ ଝରଣା ପାଣିରେ
ଚଢ଼ିବା ପାହାଡ଼ ଧୀରେ,
କେତେ ଜାତି ପକ୍ଷୀ ଗାଉଥିବେ ଗୀତ
କିଚିରି ମିଚିରି ସୁରେ।
ବାଘ, ଭାଲୁ, ହାତୀ, ହରିଣ, ଠେକୁଆ
କରୁଥିବେ କେତେ ମଜା,
ଶୁଭୁଥିବ ଦୂରେ ସିଂହ ଗରଜନ
ବଣ ରାଇଜର ରଜା।
ପୁଚ୍ଛକୁ ହଲାଇ ନାଚୁଥିବେ ରଙ୍ଗେ
ମୟୂର ମୟୂରୀ ବଣେ,
ହରିଣ ହରିଣୀ ମାରୁଥିବେ ଡିଆଁ
ଦେଖୁଥିବା ଖୁସି ମନେ ।
ଶାଳ, ପିଆଶାଳ, ଶାଗୁଆନ ପୁଣି
ନାନା ଜାତି ଗଛଲତା,
ବାଣ୍ଟୁଥିବେ ଛାଇ ମଥାକୁ ହଲାଇ
ସତେ କି ଶାଗୁଆ ଛତା।
ଠାବେ ଠାବେ ପୁଣି ସୂରୁଯ କିରଣ
ଛୁଇଁ ଦେଉଥିବ ଦେହ,
ଦିନ ଗଡୁଥିବ ମନ ଝୁରୁଥିବ
ଲାଗି ଯାଉଥିବ ମୋହ।
ଇଚ୍ଛା ହେଉଥିବ ପଶୁପକ୍ଷୀ ମେଳେ
ତୋଳିବାକୁ ଛୋଟ ଘର,
ମନ କହୁଥିବ ଶୁଣିବାକୁ ନିତି
ଝରଣାର କୁଳୁ ସୁର।

**–ଶରତ କୁମାର ଦାସ,** ଅଧ୍ୟାପକ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ମୋ:୮୨୪୯୧୩୭୦୯୧

କ ବି ତା

## ନୂଆ ବର୍ଷ ପାଇଁ

ଜଳ ବିନ୍ଦୁ ଭାବେ, ହୋଇବ କି କେବେ
ସାଗରରେ ପରିଣତ,
କ୍ଷୁଦ୍ର ତା' ଶରୀର, ବିଶାଳ ସାଗର
ହେବ କି ତା' ଭବିଷ୍ୟତ!
ଜାଣିନାହିଁ ବିନ୍ଦୁ, ତାକୁ ନେଇ ସିନ୍ଧୁ
ରଚିଛି ବ୍ରହ୍ମାଣ୍ଡ ପତି,
ଗୋଟି ଗୋଟି କରି, ସମାହାର ସାରି
ଗଢ଼ିଛି ଢେଉର ଗତି।
କ୍ଷୁଦ୍ର ଜଳ ଟୋପା, କ୍ଷୁଦ୍ର ତା'ର ଆଶା
ଶେଷରେ ବୃହତ ହୁଏ,
ଏକତା ବଳରେ, ସଭିଙ୍କ ମେଳରେ
ରତ୍ନାକର ସୃଷ୍ଟି ହୁଏ।
ଆମେ ଶିଶୁ ଗଣ, ମିଶି ଜଣ ଜଣ
ଛୋଟ ଆମ ଆଶା ନେଇ,
କରିବା ସାକାର, ସ୍ୱପ୍ନକୁ ଆମର
ଏକତା ସୂତ୍ରରେ ଯାଇ।
କ୍ଷୁଦ୍ର ଆମେ ସିନା, ନୁହେଁ କ୍ଷୁଦ୍ର ମନା
ଏକଥା ଯେବେ ବୁଝିବା,
ମନୁଷ୍ୟ ଜାତିର, ମହତ୍ତ୍ୱ ବଢ଼ାଇ
ଜନ୍ମ ସାର୍ଥକ କରିବା।
ନୂଆ ବର୍ଷ ପାଇଁ, ପ୍ରତିଜ୍ଞାଟେ ନେଇ
ଚାଲ ଏକ ସୁରେ ଗାଇବା,
ଏକତା ବନ୍ଧନ, କରି ଏକ ମନ
ହସି, ଖୁସି, ମିଶି ଚଳିବା।

**–ଅନନ୍ୟା ଅନୁଷ୍କା,** କଳାରାହାଙ୍ଗ, ଭୁବନେଶ୍ୱର
ମୋ: ୯୪୩୭୪୮୬୬୮୦

## ଶିଶୁ ପ୍ରତିଭା




ଶିଶୁ ନୃତ୍ୟଶିଳ୍ପୀ ମଞ୍ଜୁ ଖଡ଼ିଆ। ସମ୍ବଲପୁର ଜିଲା ତବଲା ଆଞ୍ଚଳିକ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ। ପିଲାବେଳୁ ହିଁ ତାଙ୍କର ସମ୍ବଲପୁରୀ ଲୋକନୃତ୍ୟ ପ୍ରତି ଆଗ୍ରହ ଜନ୍ମିଥିଲା। କିନ୍ତୁ ଗାଁର ମଲ୍ଲୀଫୁଲ ମଞ୍ଜୁ ନୃତ୍ୟ ଶିଖିବାର ସୁଯୋଗ ପାଉ ନ ଥିଲେ। ତଥାପି ସେ ହାରି ନ ଯାଇ ଏକଲବ୍ୟ ପରି ଟିଭି ଦେଖି ନୃତ୍ୟ ଅଭ୍ୟାସ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ନୃତ୍ୟ ଶିଖିବାର ଆଶା ସାକାର ହୋଇଥିଲା । ପଶ୍ଚିମ ଓଡ଼ିଶାର ଆଲବମ୍ ସୁପରଷ୍ଟାର ତଥା ଚଳଚ୍ଚିତ୍ର ଅଭିନେତା ଭାରତଗୌରବ ଦାଶଙ୍କ ଠାରୁ ନୃତ୍ୟ ଶିଖିବାର ସୁଯୋଗ ପାଇଥିଲେ। ୨୦୧୭ ଓ ୧୮ରେ ଲଗାତର ସୁରଭି ଏବଂ ସର୍ଗିଫୁଲ କାର୍ଯ୍ୟକ୍ରମରେ ସଫଳତା ହାସଲ କରି ରାଜ୍ୟ ସ୍ତରରେ ସମ୍ବଲପୁର ଜିଲାକୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୯ରେ ମଧ୍ୟ ସେ ଜିଲାସ୍ତରରେ ସଫଳତା ହାସଲ କରି ରାଜ୍ୟସ୍ତରୀୟ କଳା ଉତ୍ସବରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଚଳିତ ମାସ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଭୋପାଳଠାରେ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ କଳା ଉତ୍ସବରେ ରାଜ୍ୟର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଜାତୀୟସ୍ତରରେ ନିଶ୍ଚିତ ଶୀର୍ଷସ୍ଥାନ ହାସଲ କରି ରାଜ୍ୟ, ଜିଲା ତଥା ସ୍କୁଲର ଗୌରବ ରକ୍ଷା କରିବେ ବୋଲି ସେ ଆଶା ରଖିଛନ୍ତି। ତେଣୁ ପ୍ରତ୍ୟେକ ଦିନ ସେ ପାଠପଢ଼ା ସହ ଗୁରୁ ଭାରତଙ୍କଠାରୁ ନୃତ୍ୟ ପ୍ରଶିକ୍ଷଣ ନେଉଛନ୍ତି। ଏନେଇ ସେ କୁହନ୍ତି– ରାଜ୍ୟସ୍ତରୀୟ କଳା ମହୋତ୍ସବରେ ନୃତ୍ୟ କରିବାକୁ ମନ ଉଚ୍ଛୁଳି ପଡୁଥିଲା। କିନ୍ତୁ ସୁସଜ୍ଜିତ ମଞ୍ଚ ଓ ଅଭିଜ୍ଞ ବିଚାରକଙ୍କୁ ଦେଖି ଟିକିଏ ଡରି ଯାଇଥିଲି। ପରବର୍ତ୍ତୀ ସମୟରେ ମନକୁ ଦୃଢ଼ କରି ମଞ୍ଚକୁ ନୃତ୍ୟ କରିବାକୁ ଆସିଥିଲି। କେନ୍ ରସିଆ ନେଇ ଗଲାରେ, ମୋର ଗୁଡର୍ ପଏଁରି.... ସମ୍ବଲପୁରୀ ଲୋକଗୀତରେ ନୃତ୍ୟ କରିଥିଲି। ନୃତ୍ୟ ଶେଷରେ ଉପସ୍ଥିତ ବିଚାରକ, ନୃତ୍ୟଗୁରୁ ଓ ଅଭିଭାବକମାନଙ୍କ କରତାଳିରେ ଉଚ୍ଛୁଳି ପଡିଥିଲା ପ୍ରେକ୍ଷାଳୟ। ପରିଶେଷରେ କଳା ଉତ୍ସବରେ ଶ୍ରେଷ୍ଠ ସ୍ଥାନ ହାସଲ କରି ଜୀବନର ଆଶା ପୂରଣ ହୋଇଥିବା ଭାବି ଖୁସିରେ ନାଚି ଉଠିଥିଲି। ଏହି ଦିନଟି ମୋ ପାଇଁ ସ୍ମୃତି ହୋଇ ରହିବ। ତେବେ ସମ୍ବଲପୁର ଜିଲା ଖୁଲିଆ ଗ୍ରାମର ମଞ୍ଜୁଙ୍କ ମା' ସବିତା, ବାପା ଧନଶ୍ୱେର ଖଡିଆଙ୍କ ସମେତ ବଡ଼ଭାଇ ଅମର ଓ ନରେଶ ତାଙ୍କୁ ଏଥିପ୍ରତି ସବୁବେଳେ ଉତ୍ସାହିତ କରି ଆସୁଛନ୍ତି। ଭବିଷ୍ୟତରେ ଜଣେ ଦକ୍ଷ ନୃତ୍ୟଶିଳ୍ପୀ ହେବି ବୋଲି ସେ କହନ୍ତି।


**– ବି. ଶଙ୍କର**

## ଏଥରର ପ୍ରଶ୍ନ

### କେଉଁଟି ଅଲଗା

୧ 

୨ 

୩ 

୪ 

୫ 




## କହିଲ ଦେଖି... ?

ପାଞ୍ଚୋଟି ଅକ୍ଷର ସଂଯୋଗେ ଥିଲା ନାମ ତାଙ୍କର
ଖେଳାଇଥିଲେ ଓଡ଼ିଶାରେ ମହାସଙ୍କଟ ଘୋର।
କଟକର ବାରବାଟୀରେ ଆରମ୍ଭିଥିଲେ ରଣ
ଭୟରେ ରାଣୀ ସମର୍ପିଲେ ହୀରାର ଆଭରଣ।
ସିନ୍ଧୁକୂଳେ ରାମଚଣ୍ଡୀରେ ଯାଇ ପ୍ରବେଶ ହେଲେ,
ରାମଚଣ୍ଡୀ ଠାକୁରାଣୀ ଯେ ସବିନୟେ ଭାଷିଲେ।
ତୁମ ପାଇଁ ମୁହିଁ ଆଣୁଛି ଏହି ଘଟରେ ପାଣି,
କହି ଭଣ୍ଡି ଚାଲିଗଲେ ସେ ଦେବୀ ଠାକୁରାଣୀ।
ଚାହିଁ ଚାହିଁ ବହୁ ସମୟ ଶେଷେ ନିରାଶ ହେଲେ
ନିରାଶ ହୋଇଣ ସେଠାରୁ ଅନ୍ୟ ସ୍ଥାନକୁ ଗଲେ।
ଶେଷ ଦୁଇ ବର୍ଣ୍ଣ ତାଙ୍କର ଥିଲା ଅତି କଠିନ
ସର୍ବପ୍ରାଣୀ ଦେହେ ରହିଛି ତାହା ଯେ ବିଦ୍ୟମାନ।
ଆଦ୍ୟରୁ ଦୁଇଟି ବର୍ଣ୍ଣକୁ ଯଦି ପାଠ କରିବ
ବିଷ୍ଣୁଙ୍କର ଥିଲା ଷୋହଳ ବୋଲି ବୁଝିପାରିବ।
ପ୍ରଥମ, ତୃତୀୟ ଅକ୍ଷର ବସ୍ତ୍ରର ସେ ଜନନୀ
ଓଲଟାଇ ତାକୁ ପଢ଼ିଲେ କରୁଥାନ୍ତି ରମଣୀ।
କେଉଁ କାଳୁ ଦୁଷ୍ଟ ଯବନ ହୋଇଗଲାଣି ନାଶ
କହିଲ ଦେଖି ତା' ନାମଟି ସିଏ କେଉଁ ନୃଶଂସ।

ଉତ୍ତର: **କଳାପାହାଡ଼**

**–ଚନ୍ଦ୍ରମଣି ବସ୍ତିଆ,** ଡେଙ୍ଗ, ନିଆଳି, କଟକ
ମୋ: ୯୬୯୨୦୬୭୭୩୮


# ଜଣା ଅଜଣା



* ଲିନିଙ୍ଗ ଟାୱାର ଅଫ୍ ପିସା ଭଳି ଲଣ୍ଡନର ବିଗ୍ ବେନ୍ ଘଣ୍ଟା ମଧ୍ୟ ଆଂଶିକ ଭାବେ ଢଳି ରହିଛି।



* ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ତୁଳନାରେ ଗୋଟିଏ ଶିଶୁର ଶରୀରରେ ୬୦ ରୁ ଅଧିକ ହାଡ ଥାଏ।




* ନଦୀ ବା ଗାଡିଆରୁ ପାଣି ପିଇବା ଲାଗି ଜିରାଫଙ୍କୁ ସାମନା ଦୁଇଟି ଗୋଡକୁ  ଫରଚା କରିବାକୁ ପଡିଥାଏ। ଲମ୍ୱା ଗୋଡ ହେତୁ ତାକୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ।

* ଗବେଷଣାରୁ ଜଣାଯାଇଛି ଯେ ଡଲଫିନମାନେ ଦର୍ପଣରେ ନିଜକୁ ନିଜେ ଦେଖି ଚିହ୍ନି ପାରନ୍ତି।





* ପୃଥିବୀର ସର୍ବବୃହତ ବିଲେଇ ଭାବେ ୧.୨୩ ମିଟର ଲମ୍ବ ଏକ ବିଲେଇ ସ୍ଥାନ ପାଇଛି ଗିନିଜ୍ ୱାର୍ଲ୍ଡ ରେକର୍ଡରେ।



* ମନୁଷ୍ୟ ବ୍ୟତୀତ କେବଳ ସିମ୍ପାଞ୍ଜି ହିଁ ଠାର ଭାଷା ବୁଝିପାରନ୍ତି। ଏହି ଭାଷା ଦ୍ୱାରା ସେମାନେ ପରସ୍ପର ସହ ଯୋଗାଯୋଗ ମଧ୍ୟ କରିବାର ଦେଖାଯାଇଛି।

# ଆ ଇ ନା



ଇଶା
୧୪ ବର୍ଷ



ସମୀକ୍ଷା
୧୧ ବର୍ଷ



ଶ୍ରବଣରାଜ
୧୨ ବର୍ଷ